ପାଠ-୫

# ଠୋ ଠା

## STUDY NOTES

ପିଲାମାନେ ଆଜି ଗୋଟେ ସୁନ୍ଦର ଗୀତଟିଏ ଶୁଣିବା, ଗାଇବା ଏବଂ ଅଭିନୟ କରି ନାଚିବା ।

ଆଚ୍ଛା ପିଲାମାନେ କହିଲ ଦେଖି କ'ଣ ସବୁ ଜିନିଷ ଠୋ ଠା ଶବଦ କରେ ? ଠିକ୍ ଭାବିଛ ପିଲାମାନେ ବାଣ, ବେଲୁନ୍, ତାଳି ମାରିବା । ଏଗୁଡ଼ିକ ଠୋଠା ଶବଦ କରେ । ଆମେ ଯେତେବେଳେ ବାଣ ଫୁଟାଏ ଠୋଠା ଶବଦ ହୁଏ ଏବଂ ଯେତେବେଳେ ବେଲୁନ୍ ଫାଟିଯାଏ, ସେତେବେଳେ ମଧ୍ୟ ଠୋଠା ଶବଦ କରେ ।





୧. କ) ଠୋଠା କ'ଣ ସବୁ ଶବଦ କରେ ?

ଉ: ବାଣ, ବେଲୁନ୍ ଫୁଟିବା ବେଳେ ଠୋଠା ଶବଦ କରେ ।

ଖ) ବେଲୁନ୍ ଫାଟିଲେ କିପରି ଶବଦ କରେ ?

ଉ: ବେଲୁନ୍ ଫାଟିଲେ ଠୋଠା ଶବଦ କରେ ।

ତୁମମାନଙ୍କ ଭଳି ବବ୍‌ଲୁ ବବ୍‌ଲି ମଧ୍ୟ ଦୁଇଟି ପିଲା ଯେଉଁମାନଙ୍କୁ ତୁମମାନଙ୍କ ଭଳି ନାନା ରକମ ବେଲୁନ୍ ଫୁଟାଇବା ଏବଂ ଧରିକି ଖେଳିବାକୁ ଭଲ ଲାଗେ ।



୨.	ପିଲା ଦୁଇଟିଙ୍କର ନାମ କ'ଣ ?

ଉ: ପିଲା ଦୁଇଟିଙ୍କର ନାମ ବବ୍‌ଲୁ ଓ ବବ୍‌ଲି ।

୩.	ଠିକ୍ ଉତ୍ତରଟିକୁ () ଚିହ୍ନ ଦିଅ ।

କ)	ବବ୍‌ଲି ଓ ବବ୍‌ଲୁଙ୍କୁ କ'ଣ ଖେଳିବାକୁ ଭଲ ଲାଗେ ?

ଖେଳନା ( )		ବେଲୁନ୍ ( )

ଥରେ ଗୋଟିଏ ବେଲୁନ୍‌ବାଲା ଆସିଥିଲା ବେଲୁନ୍ ବିକିବା ପାଇଁ । ଯେମିତି ବବ୍‌ଲୁ ବବ୍‌ଲି ଶୁଣିଛନ୍ତି ବେଲୁନ୍ ବାଲାର ଡାକ ସାଙ୍ଗେ ସାଙ୍ଗେ ସେମାନେ ବେଲୁନ୍ କିଣିବା ପାଇଁ ବେଲୁନ୍ ବାଲାକୁ ଡାକିଲେ । ବେଲୁନ୍ ବାଲା ବହୁତ ପ୍ରକାରର ଓ ବହୁତ ରଙ୍ଗର ବେଲୁନ୍ ଆଣିଥିବାରୁ ବବ୍‌ଲୁ, ବବ୍‌ଲି ତାଙ୍କୁ ନାଳିଆ ଓ ନେଳି ରଙ୍ଗର ବେଲୁନ୍ ଦେବା ପାଇଁ କହିଲେ ।



୪. କ) ବବ୍‌ଲୁ ଓ ବବ୍‌ଲି କେଉଁ ରଙ୍ଗର ବେଲୁନ୍ ଦେବାକୁ କହିଲେ ?

ଉ: ନାଲିଆ ଓ ନେଳିଆ ରଙ୍ଗର ବେଲୁନ୍ ଦେବାକୁ ବବ୍‌ଲୁ ଓ ବବ୍‌ଲି କହିଲେ ।

ଖ) କିଏ ବେଲୁନ୍ ବିକିବାକୁ ଆସିଥିଲା ?

ଉ: ବେଲୁନ୍ ବାଲା ବେଲୁନ୍ ବିକିବାକୁ ଆସିଥିଲା ।

ଯେମିତି ବବ୍‌ଲୁ ଓ ବବ୍‌ଲି ବେଲୁନ୍ ବାଲାଠାରୁ ନାନା ରକମର ବେଲୁନ୍ ପାଇସାରିଛନ୍ତି, ସେମାନେ ବେଲୁନ୍ ସହ ଖେଳ ଖେଳି ଗେଲ କରିବାକୁ ଲାଗିଲେ । ବବ୍‌ଲୁର ଚାରୋଟି ଓ ବବ୍‌ଲିର ଚାରୋଟି ବେଲୁନ୍‌କୁ ଏକାଠି କରିଲେ ଓ ସେହି ଆଠଟି ବେଲୁନ୍‌କୁ ଆକାଶରେ ଉଡ଼ାଇ ଦେଲେ । ଜାଣିଛ ପିଲାମାନେ ଯେମିତି ବେଲୁନ୍ ଆକାଶକୁ ଉଡ଼ାଇ ଦେଇଛନ୍ତି, ସାଙ୍ଗେ ସାଙ୍ଗେ ବେଲୁନ୍ ଠୋଠା କରି ଫୁଟିବା ଆରମ୍ଭ କଲା ଏବଂ ଏମାନେ ଦୁଇଜଣ ହାଃ ହାଃ ହୋଇ ହସିବା ଆରମ୍ଭ କଲେ ।

୫. କ) ବବ୍‌ଲୁ ଓ ବବ୍‌ଲି କେତୋଟି ବେଲୁନ୍‌କୁ ଆକାଶକୁ ଉଡ଼ାଇଲେ ?

ଉ: ବବ୍‌ଲୁ ଓ ବବ୍‌ଲି ଆଠଟି ବେଲୁନ୍‌କୁ ଆକାଶକୁ ଉଡ଼ାଇଲେ ।

ଖ) ବେଲୁନ୍ ଆକାଶକୁ ଉଡ଼ିବା ପରେ କ'ଣ ହେଲା ?

ଉ: ବେଲୁନ୍ ଆକାଶକୁ ଉଡ଼ିବା ପରେ ଠୋଠା ହୋଇ ଫାଟିବାରେ ଲାଗିଲା ।

ODM EDUCATIONAL GROUP Changing your Tomorrow

♦♦♦